**Rejoice Learning Centre North India**
Author: **Miriam Leavell**
Rejoice Corpus Christi, USA
[www.rejoicecc.org](http://www.rejoicecc.org)
Odia Translator: **Ps Dipti Prakash Rajhans**
(President) Rejoice Corpus Christi North India

## ୨ୟ ପାଠ: ଏକ ନୂତନ ସୃଷ୍ଟି: ଉର୍ଦ୍ଧ୍ବରୁ ଜନ୍ମ◌ୀତ - ପବିତ୍ର ଆତ୍ମାଙ୍କଦ୍ବାରା ଚାଳିତ

ଆଜିର ପାଠରେ, ଆମେ ଶିଖିବା :

୧. ନୂତନ ସୃଷ୍ଟି କ'ଣ ଅଟେ ?

୨. ଆମେ କିପରି ପୁନର୍ବାର ଜନ୍ମ ନେଇପାରିବା ?

୩. ଆମେ ପୁନର୍ବାର ଜନ୍ମ ହେବା ପରେ କ'ଣ ହୋଇଥାଏ ?

୪. ପବିତ୍ର ଆତ୍ମା ଆମକୁ କିପରି ଭାବରେ ଚାଳନା ଦେଇଥାଆନ୍ତି ?

୫. ଆମେ କ'ଣ ସବୁ ପରିସ୍ଥିତି ସମ୍ମୁଖୀନ ହେଉଅଛୁ ?

### ୨ୟ ପାଠ ର ଲକ୍ଷ୍ୟ:

ଖ୍ରୀଷ୍ଟଙ୍କଠାରେ ତୁମେ କିଏ ତାହା ଜାଣିବା: ତୁମେ ପରମେଶ୍ୱରଙ୍କ ଜଣେ ବିଜୟୀ, ଶକ୍ତିଶାଳୀ ଏବଂ ଆଶୀର୍ବାଦପ୍ରାପ୍ତ ସନ୍ତାନ ଆଟ ।ତୁମର ଏକ ଉତ୍ତରାଧିକାର, ଆଶା ଏବଂ ଏକ ଭବିଷ୍ୟତ ଅଛି - ତାଡ଼ନା ଏବଂ ପ୍ରଲୋଭନ ସହିତ ।

---

## ୧. ନୂତନ ସୃଷ୍ଟି କ'ଣ ଅଟେ ?

## ଆମକୁ ପ୍ରାକୃତିକ ମନୁଷ୍ୟ ଏବଂ ଆତ୍ମିକ ମନୁଷ୍ୟକୁ ବୁଝିବାକୁ ପଡିବ ।

### ପ୍ରାକୃତିକ ମନୁଷ୍ୟ

ସ୍ୱାଭାବିକ ଭାବରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ମନୁଷ୍ୟ ପାପୀ ଅଟେ ।ଆମେ ପୃଥିବୀର ଅଟୁ, ଆଦମର ବଂଶଧର, ଆଦିପୁସ୍ତକ ୫ପର୍ବ ଅନୁଯାୟୀ, ଯିଏ ଜଣେ ପାପୀ ମନୁଷ୍ୟ ଥିଲେ ।ଆମେ ଆମର ସ୍ୱଭାବରେ ପାପପୂର୍ଣ୍ଣ ପିତାମାତାଙ୍କ ସନ୍ତାନ ଅଟୁ ।ପାପ ହେଉଛି ପରମେଶ୍ୱରଙ୍କ ବାକ୍ୟ ପ୍ରତି ଅବାଧ୍ୟତା ।ରୋମୀୟ ୩:୨୩ପଦ ରେ

ବାଇବଲ କହେ: ସମସ୍ତେ ତ ପାପ କରିଅଛନ୍ତି ।ଯୀଶୁ ସ୍ପଷ୍ଟ ଭାବରେ କହିଥିଲେ ଯେ ଆମର ପାପପୂର୍ଣ୍ଣ ସ୍ୱଭାବରେ, ଆମେ ପରମେଶ୍ୱରଙ୍କ ରାଜ୍ୟ ଅଧିକାର କରିପାରିବୁ ନାହିଁ ।

**ଯୋହନ ୩:୩ପଦରେ** ସେ ଇସ୍ରାଏଲର ଜଣେ ପ୍ରମୁଖ ନେତା ନୀକଦୀମଙ୍କୁ କହିଥିଲେ: "ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି, ପୁନର୍ବାର ଜନ୍ମ ନ ହୁଲେ, କେହି ଈଶ୍ୱରଙ୍କ ରାଜ୍ୟ ଦେଖି ପାରେ ନାହିଁ ।"

ନିକଦୀମ ଆଶ୍ଚର୍ଯ୍ୟ ହୋଇଗଲେ, କାରଣ ସେ ଭାବିଲେ ଯେ ଯୀଶୁ ଏକ ଶାରୀରିକ ପୁନର୍ଜନ୍ମ ବିଷୟରେ କହୁଅଛନ୍ତି ।କିନ୍ତୁ ଯୀଶୁ ସ୍ପଷ୍ଟ କଲେ ଯେ ଏହି ନୂତନ ଜନ୍ମ ଆତ୍ମାରୁ ଅଟେ:

**ଯୋହନ ୩:୫-୭ପଦ**ରେ କୁହେ ସତ୍ୟ ସତ୍ୟ ମୁଁ ତୁମକୁ କହୁଅଛି, ଯଦି କେହି ଜଳରୁ ଓ ଆତ୍ମାରୁ ଜନ୍ମ ନ ହେଲେ (ଜଳ ବାପ୍ତିସ୍ମ ଏବଂ ପରମେଶ୍ୱରଙ୍କ ବାକ୍ୟ ପାଇଁ ପ୍ରତୀକାତ୍ମକ), ସେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବ ନାହିଁ ।ଯାହା ଶରୀରରୁ ଜାତ ହୁଏ ତାହା ଶରୀର ଏବଂ ଯାହା ଆତ୍ମାରୁ ଜାତ ହୁଏ ତାହା ଆତ୍ମା ।ମୁଁ ତୁମକୁ କହିଥିଲି ଯେ, 'ତୁମ୍ଭକୁ ପୁନର୍ବାର ଜନ୍ମ ହେବାକୁ ପଡିବ, ଏଥିରେ ଆଶ୍ଚର୍ଯ୍ୟ ହୁଅ ନାହିଁ'।

## ସ୍ୱାଭାବିକ ବ୍ୟକ୍ତି ଆତ୍ମିକ ଭାବରେ ମୃତ ଏବଂ ପରମେଶ୍ୱରଙ୍କ କ୍ରୋଧର ଯୋଗ୍ୟ।

**ଏଫିସୀୟ ୨:୧-୫ପଦ** ୧ଏହି ସଂସାରର ଭାବାନୁସାରେ ପୁଣି, ଆକାଶମଣ୍ଡଳ ରାଜ୍ୟର ଅଧିପତି, ୨ଅର୍ଥାତ୍ ଯେଉଁ ଆତ୍ମା ଏବେ ହେଁ ଅନାଜ୍ଞାବହ ସନ୍ତାନମାନଙ୍କ ଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ; **୩ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରିକ ଓ ମନର କାମନା ପୂର୍ଣ୍ଣ କରୁଥିଲୁ, ପୁଣି, ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ;** ୪ମାତ୍ର ଏପରି ଅପରାଧରେ ମୃତ ହେଲେ ହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ, ସେଥିସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ଜୀବିତ କରିଅଛନ୍ତି, ଏଣୁ ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ, ୫ପୁଣି, ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି,

## ଆତ୍ମିକ ମନୁଷ୍ୟ

"ପୁନଃ ଜନ୍ମ" କୁ "ଉର୍ଦ୍ଧ୍ୱରୁ ଜନ୍ମ" ଭାବରେ ମଧ୍ୟ ଅନୁବାଦ କରାଯାଇପାରିବ ।ଏହାର ଅର୍ଥ ହେଉଛି ଆମର ନୂତନ ଜନ୍ମ ମାନବ ପ୍ରୟାସର ଫଳାଫଳ ନୁହେଁ ବରଂ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ସମ୍ପାଦିତ ଏକ ଅଲୌକିକ କାର୍ଯ୍ୟ ଅଟେ ।

ଯେପରି ଆମେ ପ୍ରାକୃତିକ ସନ୍ତାନ ଭାବରେ ଜନ୍ମ ହୋଇଥିଲୁ, ଏବେ ଆମେ ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ହେବା ଆବଶ୍ୟକ। କେବଳ ଏହି ନୂତନ ଜନ୍ମ ଦ୍ୱାରା, ଆମେ ପରମେଶ୍ୱରଙ୍କ ସନ୍ତାନ ହୋଇଥାଉ। ଯୀଶୁ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମଗ୍ରହଣ କରିଥିଲେ **ରୋମୀୟ** ୮:୨୯ପଦରେ ତାହାଙ୍କୁ କୁହାଯାଏ ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି ।

ଯେହେତୁ ଆମେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଅଛୁ, ଆମେ ଆଉ ଆମର ଲଢୁଆ, ଠକ, ମିଥ୍ୟାବାଦୀ ପୂର୍ବପୁରୁଷ ପରି ଦେଖାଯିବୁ ନାହିଁ ବରଂ ଆମେ ସ୍ୱର୍ଗରେ ଥିବା ଆମର ପିତା ପରି ଦେଖାଯିବୁ: ଆମେ ବର୍ତ୍ତମାନ ତାଙ୍କ ଧାର୍ମିକତା ଏବଂ ପବିତ୍ରତାର ପ୍ରତିମୂର୍ତ୍ତିରେ ଜନ୍ମ ହୋଇଅଛୁ ।

**ଏଫିସୀୟ ୪:୨୪ପଦ** ଆମକୁ ନିର୍ଦ୍ଦେଶ ଦିଏ: "... ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।" ଏବଂ ଆମେ କେବଳ

ଯୀଶୁଙ୍କ ପରି ଦେଖାଯାଉନାହୁଁ ବରଂ ଯୀଶୁ ଯେଉଁ କାର୍ଯ୍ୟ କରିଥିଲେ ବରଂ ଅଧିକ ମହତ କାର୍ଯ୍ୟ କରିବା ପାଇଁ ମଧ୍ୟ ଆମକୁ ଆହ୍ୱାନ କରାଯାଇଛି ।

**ଯୋହନ ୧୪:୧୨** (ଯୀଶୁ କହୁଛନ୍ତି) "ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋ'ଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେ ମଧ୍ୟ ସେହି ସବୁ କରିବ, ଆଉ ସେ ସବୁ ଅପେକ୍ଷା ଅଧିକ ମହତ କର୍ମ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ।"

## ୨. ଆମେ କିପରି ପୁନର୍ବାର ଜନ୍ମ ନେଇପାରିବା ?

ସୁସମାଚାରେ ବିଶ୍ୱାସ କରି ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ (ପ୍ରେରିତ ୨:୩୮)

## ୩. ଆମେ ପୁନର୍ବାର ଜନ୍ମ ହେବା ପରେ କ'ଣ ହୋଇଥାଏ ?

### ଏକ ନୂତନ ହୃଦୟ ଏବଂ ଆତ୍ମା।

**ଯିହିଜିକଲ ୩୬:୨୬-୨୭ପଦରେ** ଆମେ ଶିଖୁ ଯେ ପରମେଶ୍ୱର ଆମର ପ୍ରସ୍ତରମୟ ହୃଦୟ କାଢ଼ି ନେଇ ଓ ତୁମ୍ଭମାନଙ୍କୁ ମାଂସମୟ ହୃଦୟ ଦିଅନ୍ତି **ରୋମୀୟ ୫:୫ପଦ** କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପ୍ରବାହିତ ହୋଇଅଛି, ଯିଏ କି ଆମ ପ୍ରତି ପରମେଶ୍ୱରଙ୍କ ଦାନ ଅଟେ ।

### ଈଶ୍ୱରଙ୍କ ସହିତ ଏକ ନୂତନ ସମ୍ପର୍କ: ସନ୍ତାନ ଏବଂ ଉତ୍ତରାଧିକାରୀ ।

ଆମେ ଆଉ ଏବେ ପରମେଶ୍ୱରଙ୍କ ଶତ୍ରୁ ନୋହୁଁ କିନ୍ତୁ ବର୍ତ୍ତମାନ ଆମେ ପରମେଶ୍ୱରଙ୍କ ସନ୍ତାନ ଅଟୁ, ତାଙ୍କ ପରିବାରରେ ଗ୍ରହଣ କରାଯାଇଛୁ ।

**ରୋମୀୟ ୮:୧୫-୧୭** କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇ ନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ; ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି, ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ, ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସାଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ"। → ଆମେ କ'ଣ ପାଇବ଼ା ? ଅନନ୍ତ ଜୀବନ, ଏକ ରାଜ୍ୟ, ଆଶୀର୍ବାଦ, ପୁରସ୍କାର, ପଦବୀ, ଏକ ନୂତନ ସ୍ୱର୍ଗ ଏବଂ ପୃଥିବୀ...

### ଏକ ନୂତନ ପରିଚୟ।

ଆମେ ଆଉ ଆମର ସ୍ୱଭାବ କିମ୍ବା ଆମର ଅତୀତ ଦ୍ୱାରା ନୁହେଁ ବରଂ ଖ୍ରୀଷ୍ଟଙ୍କଠାରେ ଆମର ସ୍ଥିତି ଦ୍ୱାରା ଚିହ୍ନିତ ହୋଇଥାଉ ।

**୨ୟ କରିନ୍ଥୀୟ ୫:୧୭ପଦ** କୁହେ ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି **ରୋମୀୟ ୮:୧୪** "ଯେଣୁ ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ ।"

**ଆମେ ପ୍ରତିଦିନ ନିଜ ପାଇଁ ମରୁଛୁ ଏବଂ ଯୀଶୁଙ୍କ ଇଚ୍ଛାକୁ ଗ୍ରହଣ କରୁଛୁ!**

**ଗାଲାତୀୟ ୨:୨୦ପଦ** ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି; ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋ'ଠାରେ ଜୀବିତ ଅଛନ୍ତି; ପୁଣି, ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍, ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ' ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କଠାରେ ବିଶ୍ୱାସ କରି ଯାପନ କରୁଅଛି ।

## ଆମେ ଶକ୍ତିଶାଳୀ ଅଟୁ !

**ରୋମୀୟ ୮:୧୧ପଦ** ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ ।
**ରୋମୀୟ ୮:** କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ ।
**ଗାଲାତୀୟ ୫:୧୬ପଦ** ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।

## ଆମେ ଐଶ୍ୱରିକ ସ୍ୱଭାବର ସହଭାଗୀ ଅଟୁ ।

**୨ ପିତର ୧:୩-୪ ପଦ** ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି ।୪ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହି ସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ ।→ ପ୍ରତିଜ୍ଞାଗୁଡ଼ିକ ହେଉଛି ପବିତ୍ର ଆତ୍ମା, ଆତ୍ମିକ ଦାନ, ଆତ୍ମିକ କାର୍ଯ୍ୟକଳାପ, ଶକ୍ତିର କାର୍ଯ୍ୟ ।

## ପବିତ୍ରତା ପାଇଁ ଏକ ଆହ୍ୱାନ ଏବଂ ଇଚ୍ଛା ।

**୨ୟ କରିନ୍ଥୀୟ ୬:୧୪-୧୮ପଦ** ୧୪ ଅବିଶ୍ୱାସୀମାନଙ୍କ ସହିତ ଅସମାନ ରୂପେ ଯୋଚା ନ ଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଯୋଗିତା ? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ? ୧୫ ବିଲିୟାର୍ ସହିତ ଖ୍ରୀଷ୍ଟଙ୍କର କି ମିଳନ ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ ? ୧୬ ପ୍ରତିମା ସହିତ ଈଶ୍ୱରଙ୍କ ମନ୍ଦିରର କି ସମ୍ବନ୍ଧ ? କାରଣ ଆମ୍ଭେମାନେ ଜୀବିତ ଈଶ୍ୱରଙ୍କ ମନ୍ଦିର ଅଟୁ, ଯେପରି ଈଶ୍ୱର କହିଅଛନ୍ତି, ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା, ଆଉ ସେମାନଙ୍କ ମଧ୍ୟରେ ଭ୍ରମଣ କରିବା; ଆମ୍ଭେ ସେମାନଙ୍କ ଈଶ୍ୱର ହେବା, ଆଉ ସେମାନେ ଆମ୍ଭର ଲୋକ ହେବେ ୧୭ ଏଣୁ ପ୍ରଭୁ ଏହା କହନ୍ତି, "ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଆଉ ପୃଥକ୍ ହୁଅ, ଆଉ, ଅଶୁଚି ପଦାର୍ଥ ସ୍ପର୍ଶ କର ନାହିଁ; ପୁଣି, ଆମ୍ଭେ ତୁମ୍ଭମାନଙ୍କୁ ଗ୍ରହଣ କରିବା," ୧୮ ଆମ୍ଭେ ତୁମ୍ଭମାନଙ୍କର ପିତା ହେବା, ପୁଣି,ତୁମ୍ଭେମାନେ ଆମ୍ଭର ପୁତ୍ରକନ୍ୟା ହେବ, ଏହା ସର୍ବଶକ୍ତିମାନ ପ୍ରଭୁ କହନ୍ତି ।

**୧ ପିତର ୧:୧୪-୧୬ପଦ:** ତୁମ୍ଭମାନଙ୍କ ପୂର୍ବ ଅଜ୍ଞାନତା ସମୟର କୁଅଭିଳାଷର ଅନୁରୂପୀ ହୁଅ ନାହିଁ, ୧୫ ମାତ୍ର ତୁମ୍ଭମାନଙ୍କର ଆହ୍ୱାନକର୍ତ୍ତା ଯେପରି ପବିତ୍ର, ତୁମ୍ଭେମାନେ ମଧ୍ୟ ଆଜ୍ଞାବହ ସନ୍ତାନମାନଙ୍କ ପରି ସମସ୍ତ ଆଚରଣରେ ସେହିପରି ପବିତ୍ର ହୁଅ ୧୬ ଯେଣୁ ଲେଖାଅଛି, ତୁମ୍ଭେମାନେ ପବିତ୍ର ହୁଅ, କାରଣ ଆମ୍ଭେ ପବିତ୍ର ।

## ପବିତ୍ର ଆତ୍ମା ଆମକୁ ସାହାଯ୍ୟ କରିବା, ଶିକ୍ଷା ଦେବା ଏବଂ ଶକ୍ତି ପ୍ରଦାନ କରିବା ପାଇଁ ଆମ ଭିତରେ ବାସ କରନ୍ତି।

**ଯୋହନ ୧୪: ୧୬-୧୭ପଦ** ଆଉ, ମୁଁ ପିତାଙ୍କୁ ନିବେଦନ କରିବି, ପୁଣି, ତୁମ୍ଭମାନଙ୍କ ସାଙ୍ଗରେ ଅନନ୍ତକାଳ ରହିବା ନିମନ୍ତେ ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କୁ, ୧୭ ଅର୍ଥାତ୍ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ ।ଜଗତ ତାହାଙ୍କୁ ଗ୍ରହଣ କରି ପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ କିମ୍ବା ଜାଣେ ନାହିଁ; ତୁମ୍ଭେମାନେ ତାହାଙ୍କୁ ଜାଣ, କାରଣ ସେ ତୁମ୍ଭମାନଙ୍କ ସାଙ୍ଗରେ ଥାଆନ୍ତି, ପୁଣି, ସେ ତୁମ୍ଭମାନଙ୍କ ଅନ୍ତରରେ ରହିବେ ।

**ଯୋହନ ୧୪:୨୬ପଦ** "କିନ୍ତୁ ସେହି ସାହାଯ୍ୟକାରୀ, ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ' ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହି ସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।" –

## ପବିତ୍ର ଆତ୍ମା ଆମ ଭିତରେ ଏକ ଈଶ୍ୱରୀୟ ଚରିତ୍ର ସୃଷ୍ଟି କରନ୍ତି ।

**ଗାଲାତୀୟ ୫:୨୨-୨୩ପଦ** "କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ; ଏହି ସମସ୍ତ ବିରୁଦ୍ଧରେ କୌଣସି ମୋଶାଙ୍କ ବ୍ୟବସ୍ଥା ନାହିଁ ।' ଆତ୍ମାର ଫଳ ହେଉଛି ଏକ ପରିବର୍ତ୍ତିତ ଜୀବନର ପ୍ରମାଣ ।

## ପବିତ୍ର ଆତ୍ମା ଆମକୁ ସେବାକାର୍ଯ୍ୟ ପାଇଁ ସୁସଜ୍ଜିତ କରନ୍ତି ।

**୧ କରିନ୍ଥୀୟ ୧୨:୪-୧୧ପଦ**: ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ପବିତ୍ର ଆତ୍ମା ଆମକୁ ଆତ୍ମିକ ଦାନ ଦେଇଥାଆନ୍ତି ।

## ଆମର ଉତ୍ତମ କର୍ମ ଅଛି!

**ଏଫିସୀୟ 2:10ପଦ** କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତକାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୁର୍ବରୁ ପ୍ରସ୍ତୁତ କରିଥିଲେ, ଆଚରଣରେ ସେହି ସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ ।

**ଯାକୁବ ୨:୧୪-୧୭ପଦ** ୧୪ ହେ ମୋହର ଭାଇମାନେ, ଯଦି କେହି ମୋହର ବିଶ୍ୱାସ ଅଛି ବୋଲି କୁହେ, କିନ୍ତୁ ତାହାର କର୍ମ ନ ଥାଏ, ତେବେ ସେଥିରେ କି ଲାଭ ? ଏପରି ବିଶ୍ୱାସ କ'ଣ ତାହାର ପରିତ୍ରାଣ କରି ପାରେ ? ୧୫ ଯଦି ଜଣେ ଭାଇ ବା ଭଉଣୀ, ବସ୍ତ୍ର ଓ ଦୈନିକ ଖାଦ୍ୟହୀନ ହୁଏ, ୧୬ ଆଉ ତୁମ୍ଭମାନଙ୍କ ମଧ୍ୟରୁ କେହି ତାହାକୁ ଶରୀରର ପ୍ରୟୋଜନୀୟ ଦ୍ରବ୍ୟ କିଛି ହିଁ ନ ଦେଇ କୁହେ, ଉଷ୍ଣ ଓ ତୃପ୍ତ ହୋଇ କୁଶଳରେ ଯାଅ, ତେବେ ସେଥିରେ କି ଲାଭ ? ୧୭ ସେହିପରି ମଧ୍ୟ ବିଶ୍ୱାସ, କର୍ମ ବିନା ନିଜେ ମୃତ ।

**୨ୟ କରିନ୍ଥୀୟ ୯:୮** "ଏବଂ ପରମେଶ୍ୱର ତୁମ୍ଭମାନଙ୍କୁ ସମସ୍ତ ଅନୁଗ୍ରହ ପ୍ରଚୁର କରିପାରନ୍ତି, ଯେପରି ସବୁ ସମୟରେ ସମସ୍ତ ବିଷୟରେ, ତୁମ୍ଭମାନଙ୍କର ଯାହା ଆବଶ୍ୟକ ତାହା ପାଇ, ପ୍ରତ୍ୟେକ ଭଲ କାର୍ଯ୍ୟରେ ତୁମ୍ଭେମାନେ ପ୍ରଚୁର ହେବ ।"

## ଆମକୁ ଆମ ମନର ନ୍ୂତନୀକରଣ ଏବଂ ପବିତ୍ର ହେବା ପାଇଁ ଆହ୍ୱାନ କରାଯାଇଛି!

**ରୋମୀୟ ୧୨:୨ପଦ** ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କ'ଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କ'ଣ,,ଏହା ପରୀକ୍ଷା କରି ଜାଣି ପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" ପରମେଶ୍ୱରଙ୍କ ବାକ୍ୟର ସତ୍ୟ ଦ୍ୱାରା ଆମର ମନ ପରିବର୍ତ୍ତିତ ହେବା ସହିତ ଆମେ ଭିନ୍ନ ଭାବରେ ଚିନ୍ତା କରିବା ଆରମ୍ଭ କରୁ ।
**ଯୋହନ ୧୭:୧୭ପଦ** ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।

## ସ୍ୱର୍ଗୀୟ ନାଗରିକ ।

**ଫିଲିପ୍ପୀୟ 3:20** "ଆମ୍ଭେମାନେ ତ ସ୍ୱର୍ଗର ପ୍ରଜା, ସେ ସ୍ଥାନରୁ ମଧ୍ୟ ଆମ୍ଭେମାନେ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ଅଛୁ;"

## ଆମର ଏକ ଉଦ୍ଦେଶ୍ୟ ଏବଂ ଯୋଜନା ଅଛି ।

**ଯିଶାଇୟ ୪୩:୧୦-୧୨ପଦ** ୧୦ ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଯେପରି ଜାଣି ଆମ୍ଭଠାରେ ବିଶ୍ୱାସ କରିବ ଓ ଆମ୍ଭେ ସେହି ଅଟୁ ବୋଲି ବୁଝିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ସାକ୍ଷୀ ଓ ଆମ୍ଭର ମନୋନୀତ ଦାସ ଅଟ," ଆମ୍ଭ ପୂର୍ବରେ କୌଣସି ଈଶ୍ୱର ନିର୍ମିତ ହେଲା ନାହିଁ, କିଅବା ଆମ୍ଭ ଉତ୍ତାରେ ହେବ ନାହିଁ ୧୧ ଆମ୍ଭେ, ଆମ୍ଭେ ହିଁ ସଦାପ୍ରଭୁ ଅଟୁ ଓ ଆମ୍ଭ ଛଡ଼ା ଆଉ ତ୍ରାଣକର୍ତ୍ତା ନାହିଁ ୧୨ ଆମ୍ଭେ ପ୍ରକାଶ କରିଅଛୁ, ଆମ୍ଭେ ଉଦ୍ଧାର କରିଅଛୁ ଓ ଆମ୍ଭେ ଦେଖାଇଅଛୁ, ଆଉ ତୁମ୍ଭମାନଙ୍କ ମଧ୍ୟରେ କୌଣସି ବିଦେଶୀୟ ଦେବତା ନ ଥିଲା; ଏହେତୁ ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଆମ୍ଭର ସାକ୍ଷୀ ଅଟ ଓ ଆମ୍ଭେ ପରମେଶ୍ୱର ଅଟୁ ।'

**ଯିରିମିୟ ୨୯:୧୧ପଦ** କାରଣ ମୁଁ ତୁମ୍ଭମାନଙ୍କ ପାଇଁ ଯେଉଁ ଯୋଜନା କରିଛି ତାହା ଜାଣେ" ସଦାପ୍ରଭୁ କୁହନ୍ତି, "ତୁମର ଉନ୍ନତି ପାଇଁ ଯୋଜନା କରେ ଏବଂ ତୁମକୁ କ୍ଷତି ନ କରେ, ତୁମକୁ ଆଶା ଏବଂ ଭବିଷ୍ୟତ ଦେବା ପାଇଁ ଯୋଜନା କରେ ।'

## ୪. ପବିତ୍ର ଆତ୍ମା ଆମକୁ କିପରି ଭାବରେ ଚାଳନା ଦେଇଥାଆନ୍ତି ?

**ପବିତ୍ର ଆତ୍ମା ଆମକୁ କିପରି ପରିଚାଳିତ କରିଥାଅନ୍ତି:**

୧. **ପରମେଶ୍ୱରଙ୍କ ବାକ୍ୟ ମାଧ୍ୟମରେ ।**

**ଗୀତସଂହିତା ୧୧୯:୧୦୫ପଦ** ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ ।

**୨ୟ ତୀମଥି ୩:୧୬ପଦ** ସମସ୍ତ ଶାସ୍ତ୍ର ଈଶ୍ୱରଙ୍କ ପ୍ରେରଣାରେ ଲିଖିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ

୨. **ତାଙ୍କ ସ୍ୱର ମାଧ୍ୟମରେ ।**

**ଯୋହନ ୧୦:୨୭ପଦ** ଯୀଶୁ କହିଲେ, "ମୋ' ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି'।

**ଏବ୍ରୀ ୩:୧୫ପଦ** ଯେପରି କୁହାଯାଇଛି: "ଉକ୍ତ ଅଛି, ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର'।

**ପ୍ରେରିତ ୧୩:୨ପଦ** "ସେମାନେ ପ୍ରଭୁଙ୍କ ସେବା ଓ ଉପବାସ କରୁଥିବା ସମୟରେ ପବିତ୍ର ଆତ୍ମା କହିଲେ, ଯେଉଁ କର୍ମ ନିମନ୍ତେ ଆମ୍ଭେ ବର୍ଣ୍ଣବ୍ବା ଓ ଶାଉଲକୁ ଆହ୍ୱାନ କରିଅଛୁ, ସେଥିପାଇଁ ସେମାନଙ୍କୁ ପୃଥକ୍ କର ।'

୩. **ଭାବବାଣୀ, ସ୍ୱପ୍ନ ଏବଂ ଦର୍ଶନ ମାଧ୍ୟମରେ ।**

**ପ୍ରେରିତ ୨:୧୭ପଦ** "ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କ ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି, ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ ।'

୪ . **ଦୃଢ ବିଶ୍ୱାସ ଦ୍ୱାରା ।**

**ଯୋହନ ୧୬:୮ପଦ** ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହୁଛନ୍ତି "ସେ ଆସି ପାପ,(ପବିତ୍ର ଆତ୍ମା) ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ ।'

୫ . **ପରିସ୍ଥିତି ଦ୍ୱାରା ।**

**ରୋମୀୟ ୮:୨୮ପଦ** "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।'

୬ . **ଜ୍ଞାନର ବାକ୍ୟ ଏବଂ ପ୍ରକାଶନ ମାଧ୍ୟମରେ ଯୀଶୁ ଏବଂ ଶମିରୋଣୀୟା ସ୍ତ୍ରୀ (ଯୋହନ ୪:୧୬-୧୯) ।**

ଯୀଶୁ ଶମିରୋଣୀୟା ମହିଳାଙ୍କ ଜୀବନ ବିଷୟରେ ଅନ୍ତରଙ୍ଗ ବିବରଣୀ ପ୍ରକାଶ କରି ଜ୍ଞାନର ବାକ୍ୟ ପ୍ରଦର୍ଶନ କଲେ, ଯେଉଁଥିରେ ତାଙ୍କର ପୂର୍ବ ବିବାହ ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।ଏହି ଐଶ୍ୱରିକ ଅନ୍ତର୍ଦୃଷ୍ଟି ତାକୁ ଯୀଶୁଙ୍କୁ ଜଣେ ଭବିଷ୍ୟଦ୍ବକ୍ତା ଭାବରେ ଚିହ୍ନିବାକୁ ପ୍ରେରଣା ଦିଏ ।

ପ୍ରକାଶିତ ବାକ୍ୟ ପୁସ୍ତକଟି ଯୋହନଙ୍କୁ ଦିଆଯାଇଥିବା ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶନ ଅଟେ ।ପାଉଲ ମଧ୍ୟ ଅନେକ ରହସ୍ୟ ଉପରେ ପ୍ରକାଶନ ପାଇଥିଲେ ।ପ୍ରକାଶନ ହେଉଛି ତାହା ଯେତେବେଳେ ପବିତ୍ର ଆତ୍ମା ପୂର୍ବରୁ ଗୁପ୍ତ ଥିବା କିଛି ପ୍ରକାଶ କରନ୍ତି ।ପବିତ୍ର ଆତ୍ମା ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟରୁ ପ୍ରକାଶନ ଦେଇପାରନ୍ତି କିମ୍ବା ଆପଣଙ୍କ ଜୀବନ ବିଷୟରେ ବ୍ୟକ୍ତିଗତ ପ୍ରକାଶନ ମଧ୍ୟ ଦେଇପାରନ୍ତି ।

୭ . **ପରମେଶ୍ୱରଙ୍କ ସେବକମାନଙ୍କ ମାଧ୍ୟମରେ ।**
**ଏଫିସୀୟ ୪:୧୧ପଦ** “ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ, ପୁଣି, କାହା କାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରିଅଛନ୍ତି, ୧୨ ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହୁଏ ।”

ବିବିଧ:

## ୫. ଆମେ କେଉଁ ସବୁ ପରିସ୍ଥିତିର ସମ୍ମୁଖୀନ ହେଉଅଛୁ ?

### ୧. ଆତ୍ମାରେ ଚାଲିବା ବନାମ ଶରୀରରେ ଚାଲିବା

**ଶରୀର କ'ଣ ?**
**ଗାଲାତୀୟ ୫:୧୯-୨୧ପଦ** "ଶରୀରର କାର୍ଯ୍ୟଗୁଡ଼ାକ ତ ସ୍ପଷ୍ଟରୂପେ ଜଣା: ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, ନରହତ୍ୟା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା, ମତ୍ତତା, ରଙ୍ଗରସ, ଇତ୍ୟାଦି ପ୍ରକାର କର୍ମଗୁଡ଼ାକ; ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।

**ଶରୀର ଏବଂ ଆତ୍ମା ସର୍ବଦା ବିରୋଧର ସମ୍ମୁଖୀନ ହେଉଛନ୍ତି।**
**ଗାଲାତୀୟଙ୍କ ୫:୧୭ପଦ** କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ; ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହି ସବୁ କରି ପାର ନାହିଁ ।

**ଯଦି ତୁମେ ଶରୀର ଅନୁସାରେ ଜୀବନଯାପନ କର, ତେବେ ତୁମେ ମରିବ।**
**ରୋମୀୟ ୮:୧୩ପଦ** ଘୋଷଣା କରେ, “କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ ।”

**ଗାଲାତୀୟ ୫:୧୬ପଦ** " ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।”
**ଈଶ୍ୱରଙ୍କ ବାକ୍ୟକୁ ଆତ୍ମସମର୍ପଣ କର, ଯାହା ଆତ୍ମା ।**

**ରୋମୀୟ ୧୨:୧-୨ପଦ** ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ୲ ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କ'ଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କ'ଣ, ଏହା ପରୀକ୍ଷା କରି ଜାଣି ପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।

**ଶରୀରକୁ କ୍ରୁଶବିଦ୍ଧ କରନ୍ତୁ** – ପ୍ରାର୍ଥନା, ଉପବାସ ଏବଂ ଆଜ୍ଞାବହତା ମାଧ୍ୟମରେ, ଆମେ ପାପପୂର୍ଣ୍ଣ ଇଚ୍ଛାକୁ ହତ୍ୟା କରିଥାଉ ।

**ଗାଲାତୀୟ ୫:୨୪ପଦ** ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କର, ସେମାନେ ଶରୀରକୁ ସେଥିର କାମନା ଓ ଅଭିଳାଷ ସହିତ କ୍ରୁଶରେ ହତ କରିଅଛନ୍ତି ।

ପ୍ରତିଫଳନ: ଆପଣଙ୍କ ଜୀବନରେ ଏପରି କିଛି କ୍ଷେତ୍ର ଅଛି କି ଯେଉଁଠାରେ ଆପଣ ଏବେ ବି ଶରୀରରେ ଚାଲୁଅଛନ୍ତି ? ଆପଣ କ'ଣ ସେଗୁଡ଼ିକୁ ପବିତ୍ର ଆତ୍ମାଙ୍କ ନିକଟରେ ସମର୍ପଣ କରିବାକୁ ଇଚ୍ଛୁକ ଅଟନ୍ତି ?

## ଆମେ କେଉଁ ଆହ୍ୱାନର ସମ୍ମୁଖୀନ ହେଉଛୁ? (କ୍ରମଃଶ..)

### ୨. ତାଡନା

**ଯୀଶୁ ସତର୍କ କରାଇ ଦେଇଥିଲେ ଯେ ଜଗତ ତାଙ୍କ ଅନୁସରଣ କରୁଥିବା ଲୋକମାନଙ୍କୁ ଘୃଣା କରିବ।**

**ଯୋହନ ୧୫:୧୮-୨୦ପଦ**

୧୮ ଯଦି ଜଗତ ତୁମ୍ଭମାନଙ୍କୁ ଘୃଣା କରେ, ତେବେ ତୁମ୍ଭମାନଙ୍କୁ ଘୃଣା କରିବା ପୂର୍ବେ ତାହା ଯେ ମୋତେ ଘୃଣା କରିଅଛି, ଏହା ଜାଣ ୲
୧୯ ଯଦି ତୁମ୍ଭେମାନେ ଜଗତରୁ ଉତ୍ପନ୍ନ ହୋଇଥାଆନ୍ତ, ତେବେ ଜଗତ ତୁମ୍ଭମାନଙ୍କୁ ଆପଣାର ଲୋକ ଜାଣି ପ୍ରେମ କରନ୍ତା; କିନ୍ତୁ ତୁମ୍ଭେମାନେ ଜଗତରୁ ଉତ୍ପନ୍ନ ହୋଇ ନାହଁ, ବରଂ ମୁଁ ତୁମ୍ଭମାନଙ୍କୁ ଜଗତ ମଧ୍ୟରୁ ମନୋନୀତ କରିଅଛି, ଏଥି ନିମନ୍ତେ ଜଗତ ତୁମ୍ଭମାନଙ୍କୁ ଘୃଣା କରେ ୲
୨୦ ଦାସ ଆପଣା କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ, ମୁଁ ତୁମ୍ଭମାନଙ୍କୁ ଏହି ଯେଉଁ ବାକ୍ୟ କହିଅଛି, ତାହା ସ୍ମରଣ କର ।ଯଦି ସେମାନେ ମୋତେ ତାଡ଼ନା କରିଅଛନ୍ତି, ତାହାହେଲେ ତୁମ୍ଭମାନଙ୍କୁ ମଧ୍ୟ ତାଡ଼ନା କରିବେ; ଯଦି ସେମାନେ ମୋହର ବାକ୍ୟ ପାଳନ କରିଅଛନ୍ତି, ତାହାହେଲେ ତୁମ୍ଭମାନଙ୍କର ବାକ୍ୟ ମଧ୍ୟ ପାଳନ କରିବେ ୲

**ମାର୍କ ୧୦:୨୯-୩୦**

ଯୀଶୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେଉଁ ଲୋକ ମୋହର ଓ ସୁସମାଚାର ନିମନ୍ତେ ଗୃହ କିମ୍ବା ଭାଇ କି ଭଉଣୀ କି ମାତା କି ପିତା କି ସନ୍ତାନସନ୍ତତି କି ଭୂମି ପରିତ୍ୟାଗ କରିଅଛି, ଆଉ ଏବେ ଇହକାଳରେ ତାଡ଼ନା ସଙ୍ଗେ ସଙ୍ଗେ ଶତ ଗୁଣରେ ଗୃହ, ଭାଇ, ଭଉଣୀ, ମାତା, ସନ୍ତାନସନ୍ତତି ଓ ଭୂମି, ପୁଣି, ପରକାଳରେ ଅନନ୍ତ ଜୀବନ ନ ପାଇବ, ଏପରିଲୋକ କେହି ନାହିଁ ।

**୨ ତୀମଥି ୩:୧୨** "ପ୍ରକୃତରେ, ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକ ଜୀବନଯାପନ କରିବାକୁ ଚାହାଁନ୍ତି, ସେମାନେ ତାଡ଼ନା ପାଇବେ।"

ଯେତେବେଳେ ତାଡ଼ନା ଆସେ:

୧. **ଖ୍ରୀଷ୍ଟଙ୍କଠାରେ ସ୍ଥିର ରୁହନ୍ତୁ** ।ଯେପରି ପାଉଲ ଏବଂ ସିଲା କାରାଗାରରେ ପରମେଶ୍ୱରଙ୍କ ଉପାସନା କରିଥିଲେ (ପ୍ରେରିତ ୧୬:୨୫), ଆମେ ପରୀକ୍ଷା ମଧ୍ୟରେ ଆନନ୍ଦ କରିବା ଉଚିତ, ଏହା ଜାଣି ଯେ ସେଗୁଡ଼ିକ ଆମର ବିଶ୍ୱାସକୁ ପରିଷ୍କାର କରନ୍ତି ।

୨. **ଶକ୍ତି ଏବଂ ଧୈର୍ଯ୍ୟ ପାଇଁ ପ୍ରାର୍ଥନା କରନ୍ତୁ** ଆଦ୍ୟ ମଣ୍ଡଳୀରେ ଧୈର୍ଯ୍ୟ ମଧ୍ୟରେ ସାହସ ପାଇଁ ପ୍ରାର୍ଥନା କରିଥିଲା  (ପ୍ରେରିତ ୪:୨୯-୩୧)।

3. **ତୁମର ଶତ୍ରୁମାନଙ୍କୁ ପ୍ରେମ କର।** ଯୀଶୁ ଆମକୁ ତାଡ଼ନା କରୁଥିବା ଲୋକଙ୍କ ପାଇଁ ପ୍ରାର୍ଥନା କରିବାକୁ ଶିଖାଇଲେ (ମାଥିଉ ୫:୪୪)।

4. **ଭୟ କର ନାହିଁ ବରଂ ବିଶ୍ୱାସରେ ସ୍ଥିର ରୁହ।**

**ଏଫିସୀୟ 6:13ପଦ** ରେ କୁହାଯାଇଛି, "ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥି ନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜା ଗ୍ରହଣ କର **।**

**ପ୍ରକାଶିତ ବାକ୍ୟ ୩:୧୧-୧୨** ୧୧ ଆମ୍ଭେ ଶୀଘ୍ର ଆସୁଅଛୁ; ତୁମ୍ଭର ମୁକୁଟକୁ ଯେପରି କେହି ହରଣ କରି ନ ନିଏ, ଏଥି ନିମନ୍ତେ ତୁମ୍ଭର ଯାହା ଅଛି, ତାହା ଦୃଢ଼ରୂପେ ଧରି ରଖ ୧୨ ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁ, ସେ ଆଉ ସେଠାରୁ ବାହାରକୁ ଯିବ ନାହିଁ; ।

ତାଡ଼ନା ହେଉଛି ଏକ ସଙ୍କେତ ଯେ ଆମେ ଖ୍ରୀଷ୍ଟଙ୍କର ।ଏହା ଆମର ବିଶ୍ୱାସକୁ ପରୀକ୍ଷା କରେ, ଆମର ସାକ୍ଷ୍ୟକୁ ଦୃଢ଼ କରେ, ଏବଂ ପରମେଶ୍ୱରଙ୍କ ଉପରେ ଆମର ବିଶ୍ୱାସକୁ ଗଭୀର କରେ ।

**ଦ୍ୱିତୀୟ ପାଠ – ସମାପ୍ତ**

**Rejoice Learning Centre North India**
**Author-Miriam Leavell Rejoice Corpus Christi (USA)**
**Odia Translator – Ps Dipti Prakash Rajhans North India**